# NATIONAL NEWS BULLETIN (ODIA)

## 5 January - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସୋମନାଥ ମନ୍ଦିର ଦେଶର ସଭ୍ୟତାଗତ ଅଦମ୍ୟ ଭାବନାକୁ ପ୍ରତିଫଳିତ କରୁଛି; କହିଲେ ପ୍ରଧାନମନ୍ତ୍ରୀ

– ସୋମନାଥ ସ୍ୱାଭିମାନ ପର୍ବରେ ଆସନ୍ତା ରବିବାର ଯୋଗଦେବେ ଶ୍ରୀ ମୋଦୀ

- ଫ୍ରାନ୍ସ ଏବଂ ଲକ୍ସମବର୍ଗକୁ ୭ ଦିନିଆ ଗସ୍ତରେ ଯାଇ ଫ୍ରାନ୍ସରେ ପହଁଞ୍ଚିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ
- ବିଶ୍ୱର ଦ୍ୱିତୀୟ ସର୍ବବୃହତ ପରିବେଶ ମାନକ ପରୀକ୍ଷାଗାରକୁ ନୂଆଦିଲ୍ଲୀରେ ଉଦ୍‌ଘାଟନ କଲେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଏବଂ

- ଦକ୍ଷିଣ ଆଫ୍ରିକା ବିପକ୍ଷ ଯୁବ ଏକଦିବସୀୟ କ୍ରିକେଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସମ୍ମୁଖରେ ୨୪୬ ରନ୍‌ର ବିଜୟ ଲକ୍ଷ୍ୟ

# ପିଏମ୍-ସୋମନାଥ

ବିଗତ ୧୦୦୦ବର୍ଷ ଧରି ସୋମନାଥ ମନ୍ଦିରର ଅସ୍ତିତ୍ୱ ଦେଶର ସଭ୍ୟତାଗତ ଅଦମ୍ୟ ଭାବନାକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ୧ହଜାର ୨୬ ବର୍ଷ ଆୟୁର ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ଆକ୍ରମଣର ୧ ହଜାର ବର୍ଷର ଐତିହାସିକ ମାଇଲଖୁଣ୍ଟକୁ ଚିହ୍ନିତ କରି ଏକ ସମ୍ପାଦକୀୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସୋମନାଥ ଶବ୍ଦ ଶୁଣିବା ଦ୍ୱାରା ଲୋକଙ୍କ ହୃଦୟ ଏବଂ ମନରେ ଗର୍ବର ଭାବନା ସୃଷ୍ଟି ହୁଏ । ଏହା ହେଉଛି ଦେଶର ଆତ୍ମାର ଚିରନ୍ତନ ଘୋଷଣା । ଏହି ଭବ୍ୟ ମନ୍ଦିର ଗୁଜୁରାଟର ପଶ୍ଚିମ ଉପକୂଳରେ ପ୍ରଭାସ ପାଟନ ନାମକ ଏକ ସ୍ଥାନରେ ଅବସ୍ଥିତ । ପ୍ରଧାନମନ୍ତ୍ରୀ କହିଛନ୍ତି, ସୋମନାଥଙ୍କ କାହାଣୀ କେବଳ ଏକ ମନ୍ଦିର ବିଷୟରେ ନୁହେଁ ବରଂ ଏହା ଦେଶର ସଂସ୍କୃତି ଏବଂ ସଭ୍ୟତାକୁ ସୁରକ୍ଷିତ ରଖିଥିବା ଭାରତମାତାର ଅସଂଖ୍ୟ ସନ୍ତାନଙ୍କ ଅତୁଟ ସାହସ ସହ ଜଡିତ । କୋଟି କୋଟି ଲୋକଙ୍କ ଦ୍ୱାରା ସମ୍ମାନିତ ସୋମନାଥ ମନ୍ଦିର ଉପରେ ବିଦେଶୀ ଆକ୍ରମଣ ସମୟର ସ୍ମୃତିଚାରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏକହଜାର ୨୬ ଜାନୁଆରୀରେ ଗଜନୀର ମହମୁଦ୍ ଏହି ମନ୍ଦିର ଉପରେ ଆକ୍ରମଣ କରିଥିଲେ । ଏକ ହିଂସାତ୍ମକ ତଥା ବର୍ବରୋଚିତ ଆକ୍ରମଣ ଜରିଆରେ ବିଶ୍ୱାସର ଓ ସଭ୍ୟତାର ଏହି ମହାନ ପ୍ରତୀକକୁ ସେ ଧ୍ୱଂସ କରିବାକୁ ଚାହୁଁଥିଲେ । ୧ହଜାର ବର୍ଷ ପରେ ମଧ୍ୟ ସୋମନାଥକୁ ଏହାର ଭବ୍ୟ ସ୍ଥିତିକୁ ଫେରାଇ ଆଣିବା ଲାଗି

ହୋଇଥିବା ଅଗଣିତ ପ୍ରୟାସରେ ଏହି ମନ୍ଦିର ଆଜି ମଧ୍ୟ ପୂର୍ବଭଳି ଗୌରବମୟ ହୋଇ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O–**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ଗୁଜୁରାଟର ସୋମନାଥ ଗସ୍ତ କରିବେ। ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସୋମନାଥ ସ୍ୱାଭିମାନ ପର୍ବ ପାଳନ ପାଇଁ ସେଠାରେ ବର୍ଷବ୍ୟାପୀ ଯୋଜନା ପ୍ରସ୍ତୁତ କରାଯାଇଛି। ୨୦୨୬ ମସିହାରେ ସୋମନାଥ ଉପରେ ପ୍ରଥମ ଆକ୍ରମଣର ୧ ହଜାର ବର୍ଷ ପୂରଣ ହେଉଛି। ଚଳିତ ମାସ ୮ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସୋମନାଥରେ ଅନେକ ଆଧ୍ୟାତ୍ମିକ ଏବଂ ସାମାଜିକ କାର୍ଯ୍ୟକଳାପ ଅନୁଷ୍ଠିତ ହେବ।

# ଜୟଶଙ୍କର-ପ୍ୟାରିସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଫ୍ରାନ୍ସ ଏବଂ ଲକ୍ସମବର୍ଗକୁ ୭ ଦିନିଆ ଗସ୍ତରେ ଯାଇ ଆଜି ଫ୍ରାନ୍ସରେ ପହଁଞ୍ଚିଛନ୍ତି। ଶ୍ରୀ ଜୟଶଙ୍କର ପ୍ୟାରିସରେ ଭାରତ ଓ ଫ୍ରାନ୍ସର ସଫଳତାର କାହାଣୀ ବଖାଣୁଥିବା 'ସେ କ୍ୱି ସେ ଟ୍ରାମେ'ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ସେ କହିଛନ୍ତି, ଏହି ପ୍ରଦର୍ଶନୀ ଭାରତର ବୟନ ଐତିହ୍ୟ, ରଚନାତ୍ମକ କୌଶଳ ଏବଂ ସୃଜନଶୀଳତାକୁ ପ୍ରଦର୍ଶିତ କରୁଛି। ତାଙ୍କ ଗସ୍ତ ସମୟରେ ଡକ୍ଟର ଜୟଶଙ୍କର ପ୍ୟାରିସରେ ଫ୍ରାନ୍ସର ନେତୃତ୍ୱଙ୍କୁ ଭେଟିବା ସହ ତାଙ୍କ ପ୍ରତିପକ୍ଷ ଜିନ୍ ନୋଏଲ ବ୍ୟାରୋଟଙ୍କ ସହ ଆଲୋଚନା କରିବେ। ଉଭୟ ନେତା ଭାରତ-ଫ୍ରାନ୍ସ ରଣନୈତିକ ସହଭାଗିତା ଅଧୀନରେ ହୋଇଥିବା ଅଗ୍ରଗତି

ଏବଂ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା କରିବେ।  ଡକ୍ଟର ଜୟଶଙ୍କର ସମ୍ମାନିତ ଅତିଥି ଭାବେ ଫ୍ରାନ୍ସ ରାଷ୍ଟ୍ରଦୂତ ସମ୍ମିଳନୀର ୩୧ତମ ସଂସ୍କରଣକୁ ମଧ୍ୟ ସମ୍ବୋଧିତ କରିବେ। ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ଜୟଶଙ୍କର ଲକ୍ସମବର୍ଗ ଗସ୍ତ କରିବେ। ସେଠାରେ ଲକ୍ସମବର୍ଗର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ଜାଭିୟର୍ ବେଟେଲ୍ ଏବଂ ଦେଶର ବରିଷ୍ଠ ନେତୃତ୍ୱଙ୍କ ସହ ଆଲୋଚନା କରିବେ। ସେ ଲକ୍ସମବର୍ଗରେ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ମଧ୍ୟ ଭାବିନିମୟ କରିବାର କାର୍ଯ୍ୟସୂଚୀ ରହିଛି।

## ଧର୍ମେନ୍ଦ୍ର ପ୍ରଧାନ– ପିଏମ୍ ବୁକ୍

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀରେ **‘ଖତବାତ-ଏ-ମୋଦୀ- ଲାଲକିଲା କି ଫାସିଲ ସେ’** ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି, ଏହି ପୁସ୍ତକଟି ୨୦୧୪ରୁ ୨୦୨୫ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱାଧୀନତା ଦିବସ ଭାଷଣର ଏକ ସଂକଳନ। ଶ୍ରୀ ପ୍ରଧାନ କହିଛନ୍ତି, ଏହି ଭାଷଣଗୁଡ଼ିକ ଶ୍ରୀ ମୋଦୀଙ୍କ ‘ସବ୍‌କା ସାଥ୍, ସବ୍‌କା ବିକାଶ ଏବଂ ’ସବ୍‌କା ପ୍ରୟାସ’କୁ ଗ୍ରହଣ କରି କାର୍ଯ୍ୟ କରିବାର ଶୈଳୀକୁ ଦର୍ଶାଉଛି। ସେ କହିଛନ୍ତି, ଏହି ପୁସ୍ତକରେ ଅନ୍ତ୍ୟୋଦୟ, ସ୍ୱଚ୍ଛ ଭାରତ ଏବଂ ଜାତୀୟ ସ୍ୱାର୍ଥ ସହ ଜଡ଼ିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟ ସ୍ଥାନିତ ହୋଇଛି। ଏହି ପୁସ୍ତକଟି ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏକ ସଂକଳନ

ଯାହା ଉର୍ଦ୍ଦୁ ଭାଷାରେ ଅନୁବାଦିତ ହୋଇଛି ଏବଂ ଜାତୀୟ ଉର୍ଦ୍ଦୁ ଭାଷା ପ୍ରୋତ୍ସାହନ ପରିଷଦ ଦ୍ୱାରା ପ୍ରକାଶିତ ହୋଇଛି ।

## ଜଳଶକ୍ତି– ନମାମି ଗଙ୍ଗେ

ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ବିଭାଗୀୟ ଟାସ୍କ ଫୋର୍ସର ୧୭ତମ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନମାମି ଗଙ୍ଗେ କାର୍ଯ୍ୟକ୍ରମ ଅଧୀନରେ ତଥ୍ୟ ଆଧାରିତ ନିଷ୍ପତ୍ତି ଗ୍ରହଣ, ତଦାରଖ ବ୍ୟବସ୍ଥା ଏବଂ ଅନୁପାଳନ ଢାଞ୍ଚାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯାଇଥିଲା । ଏହି ବୈଠକରେ ଡ୍ରେନେଜ୍ ମ୍ୟାପିଂ ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ଭିତ୍ତିଭୂମିର ବର୍ଦ୍ଧିତ ତଦାରଖ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଶ୍ରୀ ପାଟିଲ୍ ଚଳିତ କ୍ୟାଲେଣ୍ଡର ବର୍ଷରେ ୧୫ଟି ପ୍ରଦୂଷଣ ପ୍ରଶମନ ଭିତ୍ତିଭୂମି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ପ୍ରଶଂସା କରି ଏହାକୁ ଗଙ୍ଗା ପୁନରୁଦ୍ଧାର ପାଇଁ ଚାଲିଥିବା ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଛନ୍ତି । ଜାତୀୟ ଢାଞ୍ଚା ଅନୁଯାୟୀ ବିଶୋଧିତ ଜଳର ନିରାପଦ ପୁନଃବ୍ୟବହାର ନୀତିକୁ ତ୍ୱରାନ୍ୱିତ କରିବାକୁ ସେ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ ।

## ଜିତେନ୍ଦ୍ର ସିଂହ- ସିଏସ୍ଆଇଆର୍

ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀର ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ– ଜାତୀୟ ଭୌତିକ ପ୍ରୟୋଗଶାଳା– ସି.ଏସ୍.ଆଇ.ଆର୍.-ଏନ୍.ପି.ଏଲ୍. ଠାରେ

ଜାତୀୟ ପ୍ରାଥମିକ ମାନକ ସୁବିଧା ଏବଂ ଜାତୀୟ ପରିବେଶ ମାନକ ପ୍ରୟୋଗଶାଳାର ଉଦ୍‌ଘାଟନ କରିଛନ୍ତି। ସି.ଏସ୍.ଆଇ.ଆର୍.-ଏନ୍.ପି.ଏଲ୍.ର ୮୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉଦବୋଧନ ଦେଇ ଡକ୍ଟର ସିଂହ କହିଛନ୍ତି, ଆମେରିକା, ଜର୍ମାନୀ, ଚୀନ୍ ଏବଂ ଜାପାନ ପରେ ଭାରତ ବିଶ୍ୱର ପଞ୍ଚମ ଦେଶ ଭାବେ ସୌର ସେଲ୍ କ୍ୟାଲିବ୍ରେସନ୍ ପାଇଁ ଏକ ମାନକ ସୁବିଧା ହାସଲ କରିଛି। କ୍ରମବର୍ଦ୍ଧିଷ୍ଣୁ ପରିବେଶଗତ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ପରିବେଶ ମାନକ ପରୀକ୍ଷାଗାର ବିଶ୍ୱର ଦ୍ୱିତୀୟ ସର୍ବବୃହତ ବୋଲି ଡକ୍ଟର ସିଂହ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଏହା ବିଭିନ୍ନ ପରିବେଶ ପରିମାପକଗୁଡ଼ିକର ନିର୍ଭୁଲ ମୂଲ୍ୟାଙ୍କନ କରିବାରେ ସକ୍ଷମ ହେବ ଏବଂ କେବଳ ସରକାରୀ ସଂସ୍ଥାଗୁଡ଼ିକୁ ନୁହେଁ ବରଂ ବେସରକାରୀ କ୍ଷେତ୍ର ତଥା ଅନ୍ୟ ଦେଶକୁ ମଧ୍ୟ ସେବା ପ୍ରଦାନ କରିବ।

ମନ୍ତ୍ରୀ କହିଛନ୍ତି, ସ୍ୱଦେଶୀ ଜ୍ଞାନକୌଶଳ, ନିର୍ଭୁଲ ମୂଲ୍ୟାଙ୍କନ ତଥା ସାଂଗଠନିକ ଉତ୍କର୍ଷତା’ ପ୍ରୟୋଗଶାଳାଲବ୍ଧ ଜ୍ଞାନକୁ ବଜାରକୁ ସ୍ଥାନାନ୍ତର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏତଦ୍‌ବ୍ୟତୀତ ସାମାଜିକ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ସ୍ଥାୟୀ ସମାଧାନ ପ୍ରଦାନ କରିବା କ୍ଷେତ୍ରରେ ଏହି ପ୍ରୟୋଗଶାଳା ଲାଭଦାୟକ ହେବ।

## ଏମ୍‌ଓୟୁ- ଟ୍ରାଇବାଲ ଆଫାୟାର୍ସ

ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀର ତୈଳ ଏବଂ ପ୍ରାକୃତିକ ଗ୍ୟାସ ନିଗମ– ଓ.ଏନ୍.ଜି.ସି. ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ–ଇ.ଏମ୍.ଆର୍.ଏସ୍.ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ସମର୍ଥିତ ଭିତ୍ତିଭୂମି ବିକାଶ ଏବଂ କ୍ଷମତା ନିର୍ମାଣ କାର୍ଯ୍ୟାନ୍ୱୟନ ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଜନଜାତି ବ୍ୟାପାର ସଚିବ ରଞ୍ଜନା ଚୋପ୍ରା କହିଛନ୍ତି, ଚୁକ୍ତିନାମା ଅନ୍ତର୍ଗତ ଓ.ଏନ୍.ଜି.ସି. ଜନଜାତି ସମ୍ପ୍ରଦାୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ସାହାଯ୍ୟ କରି ଇ.ଏମ୍.ଆର୍.ଏସ୍.କୁ ସଶକ୍ତ କରିବା ପାଇଁ ୨୮ କୋଟି ଟଙ୍କା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛି ।

## ପରେଡ୍– ଆଇଏନ୍ଏସ ଚିଲକା

ଆଇ.ଏନ୍.ଏସ୍. ଚିଲିକାର ୨ ହଜାର ୭୦୦ ପ୍ରଶିକ୍ଷାର୍ଥୀଙ୍କ ପାସିଂ ଆଉଟ୍ ପ୍ୟାରେଡ୍ ଚଳିତ ମାସ ୮ ତାରିଖରେ ଅନୁଷ୍ଠିତ ହେବ । ଆଇ.ଏନ୍.ଏସ୍. ଚିଲିକା ଓଡ଼ିଶାର ଚିଲିକା ହ୍ରଦ ନିକଟରେ ଅବସ୍ଥିତ । ଏହା ନାବିକ ଏବଂ ଅଗ୍ନିବୀରମାନଙ୍କ ପାଇଁ ଭାରତୀୟ ନୌସେନାର ଏକ ପ୍ରଶିକ୍ଷଣ ପ୍ରତିଷ୍ଠାନ । ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁସାରେ, ଏହି ପାସିଂଆଉଟ୍ ପରେଡ ୧୬ ସପ୍ତାହର କଠୋର ପ୍ରଶିକ୍ଷଣର ସଫଳ ପରିସମାପ୍ତିକୁ ଚିହ୍ନିତ କରେ ଯାହା ପ୍ରଶିକ୍ଷାର୍ଥୀମାନଙ୍କୁ ଆଧୁନିକ ନୌସେନା

କାର୍ଯ୍ୟକଳାପ ତଥା ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ କରେ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଚଳିତଥରର ପାସିଂ-ଆଉଟ୍ ବ୍ୟାଚ୍' ୨ ହଜାର ୧୦୦ ଅଗ୍ନିବୀରଙ୍କୁ ନେଇ ଗଠିତ। ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କ ଦ୍ୱିଭାଷୀ ପତ୍ରିକା 'ଅଙ୍କୁର'ର ଉନ୍ମୋଚନ କରାଯିବ।

## କ୍ରିକେଟ-ୟୁ-୧୯

୧୯ ବର୍ଷରୁ କମ୍ କ୍ରିକେଟରେ' ବେନୋନୀର ୱିଲୋମୁର୍ ପାର୍କରେ ଖେଳାଯାଇଥିବା ତିନି ମ୍ୟାଚ୍ ବିଶିଷ୍ଟ ଯୁବ ଆନ୍ତର୍ଜାତୀୟ ଏକ ଦିବସୀୟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍‌ରେ ଆୟୋଜକ ଦକ୍ଷିଣ ଆଫ୍ରିକା ଭାରତ ପାଇଁ ୨୪୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ପୂର୍ବରୁ ଆୟୋଜକ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୩୯ ଦଶମିକ ୩ ଓଭରରେ ସମସ୍ତ ୱିକେଟ୍ ହରାଇ ଦକ୍ଷିଣ ଆଫ୍ରିକା ୨୪୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧୧ ଓଭରରେ ୨ ୱିକେଟ୍ ୧୦୩ ରନ୍ ସଂଗ୍ରହ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ' ଦକ୍ଷିଣ ଆଫ୍ରିକାକୁ ୨୫ ରନ୍‌ରେ ପରାସ୍ତ କରିଥିଲା।

## ୪୪ତମ ଜୁନିୟର ନ୍ୟାସନାଲ ଖୋଖୋ

୪୪ତମ କନିଷ୍ଠ ଜାତୀୟ ଖୋଖୋ ଚାମ୍ପିଅନସିପ୍‌ର ବାଳକ ବର୍ଗରେ ଗତଥରର ଚାମ୍ପିଅନ ମହାରାଷ୍ଟ୍ରକୁ ୩୫-୩୦ରେ ପରାସ୍ତ କରି ଆୟୋଜକ କର୍ଣ୍ଣାଟକ ଟାଇଟଲ ହାସଲ କରିଛି। ଗତକାଲି ବେଙ୍ଗାଲୁରୁରେ ଅନୁଷ୍ଠିତ

ଫାଇନାଲ ମ୍ୟାଚ୍‌ର ବାଳିକା ବର୍ଗରେ ଗତଥରର ଚାମ୍ପିଅନ ମହାରାଷ୍ଟ୍ର ଓଡ଼ିଶାକୁ ୩୪-୩୩ରେ ପରାସ୍ତ କରି ତାର ଟାଇଟଲ ହାସଲ କରିଛି ବାଳିକା ବର୍ଗରେ ସ୍ନେହା ଲାମ୍‌କାନେ ଶ୍ରେଷ୍ଠ ଖେଳାଳି ଭାବେ 'ଜାନକୀ' ପୁରସ୍କାର ପାଇଛନ୍ତି। ସେହିପରି ବାଳକ ବର୍ଗରେ ବି.ବିଜୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ 'ବୀର ଅଭିମନ୍ୟୁ' ପୁରସ୍କାର ପାଇଛନ୍ତି। ଏହି ପ୍ରତିଯୋଗିତା ଗତ ମାସ ୩୧ ତାରିଖରୁ ବେଙ୍ଗାଲୁରୁର ଗୁଞ୍ଜୁରସ୍ଥିତ ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇ ଗତକାଲି ଉଦ୍‌ଯାପିତ ହୋଇଥିଲା।

୫୮ତମ ବରିଷ୍ଠ ଜାତୀୟ ଖୋଖୋ ଚାମ୍ପିଅନସିପ୍ ଚଳିତ ମାସ ୧୧ ତାରିଖ ୧୫ ତାରିଖ ପର୍ଯ୍ୟନ୍ତ ତେଲଙ୍ଗାନାର କାଜିପେଟ୍‌ରେ ଅନୁଷ୍ଠିତ ହେବ। ସେହିପରି ୩୫ ତମ ସବ୍‌ଜୁନିୟର ଜାତୀୟ ଚାମ୍ପିଅନସିପ୍ ଚଳିତ ମାସ ୩୧ ତାରିଖରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।